# NATIONAL NEWS BULLETIN (ODIA)

## 5 February - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଦାନ ଶେଷ ।

- ପ୍ରାଥମିକ ସୂଚନା ଅନୁଯାୟୀ ୫୮ ପ୍ରତିଶତ ମତାଧିକାର ସାବ୍ୟସ୍ତ ।

- ପ୍ରୟାଗରାଜର ମହାକୁମ୍ଭ ମେଳାର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଅଗରତାଲାଠାରେ ବୃହତ୍ତ କାର୍ଯ୍ୟକ୍ରମରେ ୨ହଜାର ୮୦୬ଜଣ ହିତାଧିକାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ୟୁଏନ୍‌ଜିଏର ସଭାପତି ଫିଲିମୋନ୍ ୟାଙ୍ଗ୍‌ଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ୍‌କଲେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର।

ଏବଂ

- ଲାହଲୀ ବଦଳରେ କୋଲକାତାଠାରେ ଖେଳାଯିବ ମୁମ୍ବାଇ ଓ ହରିୟାଣା ମଧ୍ୟରେ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍।

# ଦିଲ୍ଲୀ ନିର୍ବାଚନ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ୫୮ ପ୍ରତିଶତ ମତଦାନ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି । ୭୦ ସଦସ୍ୟ ବିଶିଷ୍ଟ ଏହି ବିଧନାସଭା ନିର୍ବାଚନ ଲାଗି ଆଜି ସକାଳ ୭ଟାରୁ ଭୋଟ୍‌ଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ଉତ୍ତର-ପୂର୍ବ ଦିଲ୍ଲୀ ଜିଲ୍ଲାରେ ସର୍ବାଧିକ ୬୩ ଦଶମିକ ୮/୩ ପ୍ରତିଶତ ମତଦାନ ହୋଇଥିବାବେଳେ ସାହାଦାରାରେ ୬୧ ଦଶମିକ ୩/୫ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଛି । ସେହିପରି ଉତ୍ତର-ଦିଲ୍ଲୀରେ ମତଦାନ ହାର ୫୭ ଦଶମିକ ୨/୪ ପ୍ରତିଶତ ରହିଥିବାବେଳେ ଉତ୍ତର-ପଶ୍ଚିମରେ ୫୮ ଦଶମିକ ୦/୫ ପ୍ରତିଶତ ରହିଛି ।

ଦକ୍ଷିଣ ଦିଲ୍ଲୀ ଜିଲ୍ଲାରେ ୫୫ ଦଶମିକ ୭/୨ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଥିବାବେଳେ ନୂଆଦିଲ୍ଲୀରେ ୫୪ ଦଶମିକ ୩/୭ ପ୍ରତିଶତ, ଦକ୍ଷିଣ ପଶ୍ଚିମରେ ୫୮ ଦଶମିକ ୮/୬ ପ୍ରତିଶତ ଏବଂ ପଶ୍ଚିମ ଦିଲ୍ଲୀରେ ୫୭ ଦଶମିକ ୪/୨ ପ୍ରତିଶତ ମତଦାନ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି । କେନ୍ଦ୍ରୀୟ ଦିଲ୍ଲୀ ଜିଲ୍ଲାରେ ୫୫ ଦଶମିକ ୨/୪ ପ୍ରତିଶତ ଏବଂ ପୂର୍ବ ଦିଲ୍ଲୀରେ ୫୮ ଦଶମିକ ୯/୮ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ ଦକ୍ଷିଣ ଦିଲ୍ଲୀ ଜିଲ୍ଲାରେ ସର୍ବନିମ୍ନ ୫୩ ଦଶମିକ ୭/୭ ପ୍ରତିଶତ ମତଦାନ ହୋଇଥିବା ଖବର ମିଳିଛି ।

ଅନ୍ୟପକ୍ଷରେ ତାମିଲନାଡୁର ଇରୋଡ ପୂର୍ବ ବିଧାନସଭା କ୍ଷେତ୍ର ଓ ଉତ୍ତରପ୍ରଦେଶର ମିଲ୍‌କିପୁରରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଛି । ସର୍ବଶେଷ ସୂଚନା ଅନୁଯାୟୀ ଇରୋଡ ପୂର୍ବ ବିଧାନସଭା ଲାଗି ୬୪ ଦଶମିକ ୦/୨ ପ୍ରତିଶତ ଏବଂ ମିଲ୍‌କିପୁରରେ ୬୫ ଦଶମିକ ୨/୫ ପ୍ରତିଶତ ମତଦାନ ହୋଇଛି ।

## ପିଏମ୍-ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରପ୍ରଦେଶ ପ୍ରୟାଗରାଜର ମହାକୁମ୍ଭ ମେଳାର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସଂଗମରେ ବୁଡ଼ ପକାଇ ସେ ଐଶ୍ୱରୀକ ଅନୁଭୂତି ଲାଭ କରିଛନ୍ତି। ଦେଶବାସୀଙ୍କୁ ଗଙ୍ଗାମାତା ଆଶୀର୍ବାଦ କରିବା ସହ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି। ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କ ସହ ଡଙ୍ଗାରେ ତ୍ରିବେଣୀ ସଂଗମ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଧାନମନ୍ତ୍ରୀ' ସେଠାରେ ପୂଜାର୍ଚ୍ଚନା କରିଥିଲେ।

ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ତୀର୍ଥସ୍ଥଳରେ ଭିତ୍ତିଭୂମି ଏବଂ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ମାସରେ ପ୍ରୟାଗରାଜ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୫ ହଜାର ୫୦୦ କୋଟି ଟଙ୍କାର ୧୬୭ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ, ଯେଉଁଥିରେ ସାଧାରଣ ଜନତାଙ୍କ ପାଇଁ ଯୋଗାଯୋଗ, ସୁବିଧା ଓ ସେବାରେ ଉନ୍ନତି ଘଟିଥିଲା ।

ସୂଚନାଯୋଗ୍ୟ ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଯାଏଁ ୨୯ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସେଠାରେ ବୁଡ଼ ପକାଇ ସାରିଲେଣି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଆଜି ସକାଳେ ପ୍ରୟାଗରାଜଠାରେ ମଧ୍ୟ ବୁଡ଼ ପକାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରିଜିଜୁ ୧୪୪ ବର୍ଷ ପରେ ପଡ଼ିଥିବା ସଂଯୋଗ ଅବସରରେ ସମସ୍ତେ ପବିତ୍ର ସ୍ନାନ କରିବାକୁ ଆହ୍ୱାନ ଦେଇଛନ୍ତି ।

# ତ୍ରିପୁରା–ଅମିତ ଶାହା

ଅଗରତାଲାଠାରେ ଅନୁଷ୍ଠିତ ଏକ ବୃହତ୍ ନିଯୁକ୍ତି ମେଳାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଫାର୍ମାସିଷ୍ଟ, ଲାବୋରଟାରୀ ଟେକ୍ନିସିଆନଙ୍କ ସମେତ ଅନେକ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ଶ୍ରୀ ଶାହା କହିଛନ୍ତି ୨ହଜା ୮୦୬ଜଣ ହିତାଧିକାରୀ ଯେଉଁମାନେ ଆଜି ନିଯୁକ୍ତିପତ୍ର ପାଇଛନ୍ତି, ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ତ୍ରିପୁରା ଏବଂ ବିକଶିତ ଭାରତ' ପ୍ରଚେଷ୍ଟାର ଏକ ଅଂଶବିଶେଷ ପାଲଟିଛନ୍ତି । ଦିନେ ଯେଉଁ ରାଜ୍ୟ ଅସ୍ଥିରତା ଓ ଦୁର୍ନୀତିରେ ବୁଡ଼ି ରହିଥିଲା ସେଠାରେ ବିକାଶର ସୂର୍ଯ୍ୟୋଦୟ ଘଟିଛି । ସେ ପୁଣି କହିଛନ୍ତି ତ୍ରିପୁରା ଏବେ ଯୋଗାଯୋଗରେ ସୁଦୃଢ଼ ହେବା ସହ ବିକଶିତ ହେବାରେ ଲାଗିଛି ।

# ଭାଇସ୍ ପ୍ରେସିଡେଣ୍ଟ ଡେଲି ପୋଲ୍‌ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ମତଦାନ ହେଉଛି ଗଣତନ୍ତ୍ରର ଅମ୍ଳଜାନ ଏବଂ ଆଧାର । ନୂଆଦିଲ୍ଲୀର ନର୍ଥ ଆଭେନ୍ୟୁ ମତଦାନ

କେନ୍ଦ୍ରରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଦେବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଧନଖଡ କହିଛନ୍ତି ଯେ ମତଦାନ ସମସ୍ତ ଅଧିକାର ପାଇଁ ମୌଳିକ ଏବଂ ଏହାଠାରୁ ବଡ କୌଣସି ଅଧିକାର ନାହିଁ । ସେ କହିଛନ୍ତି ଭାରତ ହେଉଛି ବିଶ୍ୱର ସବୁଠାରୁ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ର, ଯେଉଁଠାରେ କେବଳ ମତଦାନ ମାଧ୍ୟମରେ ହିଁ ଶାସନରେ ପରିବର୍ତ୍ତନ ହୋଇଥାଏ । ଏହି ଅବସରରେ ସେ ସମସ୍ତ ଭୋଟରଙ୍କୁ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାକୁ ଅନୁରୋଧ କରିଥିଲେ । ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଥିବା ପରିଚାଳନାରେ ମଧ୍ୟ ଉପରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଥିଲେ ।

## ଆଗା ଖାଁ – ଡାଏଡ

ଇସ୍‌ମାଇଲ ମୁସଲମାନ ମାନଙ୍କର ଧର୍ମୀୟ ନେତା ଆଗା ଖାଁ ଚତୁର୍ଥଙ୍କର ୮୮ ବର୍ଷ ବୟସରେ ପର୍ତ୍ତୁଗାଲରେ ମୃତ୍ୟୁ ହୋଇଛି । ୨୦ ବର୍ଷ ବୟସରେ ସେ ଇମାମ ହୋଇଥିଲେ । ସେ ଆଗା ଖାଁ ଡେଭଲପମେଣ୍ଟ ନେଟଓ୍ୱର୍କର ନେତୃତ୍ୱ ନେବା ସହିତ ୩୦ଟି ଦେଶରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନ ଓ ଜୀବିକା ନିର୍ବାହରେ ଉନ୍ନତି ଆଣିଥିଲେ । ସେ ମୁସଲମାନ ସମାଜ ଏବଂ

ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାରେ ବିଶେଷ ଜଣାଶୁଣା ଥିଲେ । ଯୁବରାଜ କରିମ ଆଗା ଖାଁ ଇସ୍‌ମାଇଲ ମୁସଲମାନ ମାନଙ୍କର ଅଣଚାଶତମ ବଂଶାନୁକ୍ରମିକ ଇମାମ ଥିଲେ । ୨୦ ବର୍ଷ ବୟସରେ ୧୯୫୭ ମସିହାରେ ଇସମାଇଲ ମୁସଲମାନ ମାନଙ୍କ ଇମାମ ଭାବରେ ତାଙ୍କ ଜେଜେବାପାଙ୍କର ଉତ୍ତରାଧିକାରୀ ହୋଇଥିଲେ । ଦଶନ୍ଧି ଦଶନ୍ଧି ଧରି ଆଗା ଖାଁ ଜଣେ ଉତ୍ତମ ବ୍ୟବସାୟୀ ଏବଂ ପରୋପକାରୀ ବ୍ୟକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ସେ ଆଧ୍ୟାତ୍ମିକ ଏବଂ ସାଂସାରିକ କାର୍ଯ୍ୟ ମଧ୍ୟରେ ବେଶ୍ ସମନ୍ୱୟ ରକ୍ଷା କରିପାରିଥିଲେ । ଆଗା ଖାଁଙ୍କୁ ଲିସବନରେ କବର ଦିଆଯିବ । ତାଙ୍କ ଇଚ୍ଛାପତ୍ରରେ ନାମିତ ଉତ୍ତରାଧିକାରୀଙ୍କ ନାମ ଘୋଷଣା ହେବା ପୂର୍ବରୁ ଲିସ୍‌ବନରେ ତାଙ୍କ ପରିବାର ଏବଂ ଧାର୍ମିକ ନେତାମାନଙ୍କ ଉପସ୍ଥିତିରେ ଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡିଛି । ତାଙ୍କର ୩ପୁଅ, ଗୋଟିଏ ଝିଅ ଏବଂ ନାତି ଓ ନାତୁଣୀମାନେ ଉପସ୍ଥିତ ଥିଲେ ।

## ପିଏମ୍-ଆଗା ଖାଁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସିମାଇଲି ମୁସଲମାନ ମାନଙ୍କର ନେତା କରିମ ଆଗା ଖାଁ ଚତୁର୍ଥଙ୍କର ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଗା ଖାଁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ଥିଲେ । ବିଶେଷକରି ସେବା ଏବଂ ଆଧ୍ୟାତ୍ମିକତା ଦିଗରେ ସେ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ ଏବଂ ମହିଳା ମାନଙ୍କର ସଶକ୍ତିକରଣରେ ଆଗା ଖାଁଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଗତ ଦିନରେ ଶ୍ରୀ ଖାଁଙ୍କ ସହିତ ହୋଇଥିବା କଥୋପକଥନକୁ ଶ୍ରୀ ମୋଦୀ ମନେ ପକାଇଥିଲେ ।

## ଜୟଶଙ୍କର-ୟୁଏନ୍‌ଜିଏ ପ୍ରେଜ୍

ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ଜାତିସଂଘ ସାଧାରଣ ସଭା-ୟୁଏନ୍‌ଜିଏର ସଭାପତି ଫିଲିମୋନ୍ ୟାଙ୍ଗ୍‌ଙ୍କୁ ଭେଟିଛନ୍ତି । ଜାତିସଂଘ କାର୍ଯ୍ୟସୂଚୀ ଅନୁଯାୟୀ ଉଭୟ ଜାତିସଂଘ ସଂସ୍କାର ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଞ୍ଚଳିକ, ବୈଶ୍ୱିକ ଏବଂ

ବିଭିନ୍ନ ବିକାଶମୂଳକ ବିଷୟରେ ଦୁଇ ନେତା ମତ ବିନିମୟ କରିଥିବା ଶ୍ରୀ ଜୟଶଙ୍କର କହିଛନ୍ତି ।

## ମୁମ୍ବାଇ-ଆରେଷ୍ଟେଡ

ମହାରାଷ୍ଟ୍ରର ପାଲଘର ଜିଲ୍ଲାରୁ ପୁଲିସ ଜଣେ ନାଇଜେରୀୟ ନାଗରିକଙ୍କ ଠାରୁ ୨୬ଲକ୍ଷ ୧୮ହଜାର ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ କରିବା ସହ ତାଙ୍କୁ ଗିରଫ କରିଛି । ସେ ଭାରତରେ ବେଆଇନ୍ ଭାବେ ରହି ଆସୁଥିଲେ ବୋଲି ପୁଲିସ କହିଛି । ଗତ ସୋମବାର ସମ୍ପୃକ୍ତ ବ୍ୟକ୍ତି ଭାସି ଅଞ୍ଚଳର ବିଜୟଲକ୍ଷ୍ମୀ ନଗରରେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ସ୍ଥାନୀୟ ଅଞ୍ଚଳର ନାକୋଟିକ୍ସ ବିରୋଧୀ ସେଲ୍‌ର ଏକ ଦଳ ତାଙ୍କୁ ଠାବ କରିଥିଲା । ଯାଞ୍ଚ ବେଳେ ପୁଲିସ ତାଙ୍କଠାରୁ ୨୦ଲକ୍ଷ ୯୯ହଜାର ଟଙ୍କାର ୧କେଜି ୪୯୭ ଗ୍ରାମ୍‌ର ଏଫେଡ୍ରାଇନ୍ ଡ୍ରଗ୍ ଓ ୫ଲକ୍ଷ ୧୯ ହଜାର ଟଙ୍କାର ୧୭ କେଜି ୩୦୦ ଗ୍ରାମ୍‌ର କୋକେନ ଜବତ କରିଛି ।

ଘାନାର ମୁଳବାସିନ୍ଦା ଏହି ନାଇଜେରୀୟ ନାଗରିକଙ୍କୁ ଧରାଯିବା ପରେ ସେ ଭାରତରେ ରହିବାର କୌଣସି ବୈଧ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ । ନାକୋଟିକ୍ ଡ୍ରଗ୍‌ସ ଆଣ୍ଡ୍ ସାଇକୋଟ୍ରୋପିକ ସବ୍‌ଷ୍ଟାନ୍ସ-ଏନ୍.ଡି.ପି.ଏସ୍ ଏବଂ ବୈଦେଶିକ ଆଇନ୍ ଅନୁଯାୟୀ ସଂପୃକ୍ତ

ନାଇଜେରୀୟ ନାଗରିକଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି ।

## ବୈଷ୍ଣବ-ଏଆଇ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓପନ୍ ଏ.ଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲ୍‌ଟମ୍ୟାନ୍‌ଙ୍କୁ ଭେଟିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବସ୍ଥିତ କରାଇବାରେ ମାର୍ଗ ଦେଖାଇଛନ୍ତି । ଏହି ଅବସରରେ ଶ୍ରୀ ଅଲ୍‌ଟମ୍ୟାନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି । ଏଆଇ.ଷ୍ଟାକ୍ - ଜିପିୟୁଏସ୍, ମଡେଲ ଏବଂ ବିଭିନ୍ନ ଆପ୍ଲିକେସନ ସଂକ୍ରାନ୍ତରେ ସେ ଅଲ୍‌ଟମ୍ୟାନ୍‌ଙ୍କ ସହ ଶ୍ରୀ ବୈଷ୍ଣବ ଆଲୋଚନା କରିଥିବା କହିଛନ୍ତି ।

## ସିଙ୍ଗାପୁର ନିଉ ଲ

ସିଙ୍ଗାପୁରରେ ଜାତିଗତ ସୌହାର୍ଦ୍ଦ୍ୟ ରକ୍ଷା ଏବଂ ବିଦେଶୀ ହସ୍ତକ୍ଷେପରୁ ସୁରକ୍ଷା ପାଇଁ ଏକ ନୂତନ ଆଇନ୍ ପାରିତ ହୋଇଛି । ଏହି ଆଇନ୍ ଜାତି ଆଧାରିତ ଗୋଷ୍ଠୀ, ବିଶେଷକରି ବ୍ୟବସାୟୀ ସଂଗଠନ ବିଦେଶୀ ଅନୁଦାନ

ପ୍ରକାଶ କରିବା ନିହାତି ଆବଶ୍ୟକ । ଜାତିଗତ ସୌହାର୍ଦ୍ଦ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ବିଷୟବସ୍ତୁ ବିରୁଦ୍ଧରେ କାର୍ଯ୍ୟ କରିବାକୁ କର୍ତ୍ତୃପକ୍ଷଙ୍କୁ ଏହା ସଶକ୍ତ କରିବ । ସ୍ୱରାଷ୍ଟ୍ରମନ୍ତ୍ରୀ କେ. ସାନମୁଗମ ଜାତିଗତ ସୌହାର୍ଦ୍ଦ୍ୟ ସିଙ୍ଗାପୁର ସମାଜର ମୂଳଦୁଆକୁ ସୁଦୃଢ଼ କରିବ ବୋଲି କହିଛନ୍ତି । ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି କ୍ଷତିକାରକ ବିଷୟବସ୍ତୁକୁ ହଟାଇବା ଲାଗି ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି । ଜନସାଧାରଣଙ୍କ ବାକ୍ ସ୍ୱାଧୀନତାକୁ ଦମନ କରାଯିବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

## ରଣଜୀ- ଭେନ୍ୟୁ

ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଲାହଲୀ ବଦଳରେ କୋଲକାତାଠାରେ ଖେଳାଯିବ। କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମଠାରେ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ମୁମ୍ବାଇ ଏବଂ ହରିୟାଣା ମଧ୍ୟରେ ଖେଳାଯିବ। ତେବେ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ନେଇ କୌଣସି ସୂଚନା କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଦିଆଯାଇନାହିଁ। ମୁମ୍ବାଇ କ୍ରିକେଟ ଆସୋସିଏସନ୍‌ର ସଭାପତି ଅଜିଙ୍କ୍ୟ ନାଏକ ମ୍ୟାଚ୍‌ର ସ୍ଥାନ

ପରିବର୍ତ୍ତନ ନେଇ ସୂଚନା ଦେବା ସହ କହିଛନ୍ତି, ବିସିସିଆଇରୁ ଏ ନେଇ ତାଙ୍କ ପାଖକୁ ପତ୍ର ଆସିଛି। ମୁମ୍ବାଇ ୪୨ ଥର ରଣଜୀ ଟାଇଟଲ ହାସଲ କରିଛି। ଅନ୍ୟ କ୍ୱାର୍ଟର ଫାଇନାଲରେ ପୁଣେଠାରେ ଜାମ୍ମୁ-କାଶ୍ମୀର ଏବଂ କେରଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ନାଗପୁରଠାରେ ବିଦର୍ଭ ଓ ତାମିଲନାଡୁ ଏବଂ ରାଜକୋଟଠାରେ ଗୁଜୁରାଟ ଓ ସ୍ୱରାଷ୍ଟ୍ର ମଧ୍ୟରେ ମୁକାବିଲା ହେବ।